ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
ଢେଙ୍କାନାଳ
ଦୂରଭାଷ : ୦୬୭୬୨-୨୨୪୪୧୪
ଇମେଲ୍:-ଡିକେଏଲ୍.ଡିଆଇପିଆର୍ଓ@ ଜିମେଲ୍.କମ୍

ପତ୍ର ସଂଖ୍ୟା ------------/ସୂ.ଲୋ.ସଂ ଖାଦ୍ୟ ବାଣ୍ଟାର ତା.-୨୭/୦୪/୨୦୨୦.

କ୍ୱାରେଣ୍ଟାଇନରେ ଥିବା ଲୋକଙ୍କୁ ଜିଲ୍ଲା ରେଡକ୍ରସ ଶାଖା
ପକ୍ଷରୁ ଖାଦ୍ୟ ବ୍ୟବହାର୍ଯ୍ୟ କିଟ୍ସ ବଣ୍ଟନ ।

ଢେଙ୍କାନାଳ, ତା. ୨୭/୦୪/୨୦୨୦ -

ସ୍ଥାନୀୟ ଚର୍ଚ୍ଚ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କଲ୍ୟାଣ ମଣ୍ଡପ ଠାରେ କ୍ୱାରେଣ୍ଟାଇନରେ ଥିବା ପ୍ରାୟ ୪୦ ଜଣ ଶ୍ରମିକ ଓ ମହିଳା ଶ୍ରମିକଙ୍କୁ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ଖାଦ୍ୟ ବ୍ୟବହାର୍ଯ୍ୟ ଜିନିଷ ବଣ୍ଟନ କରିଥିଲେ । ଆଜି ଅପରାହ୍ନ ୪ ଘଟିକା ସମୟରେ ଜିଲ୍ଲା ରେଡ-କ୍ରସ ଶାଖା ପକ୍ଷରୁ ପୁରୁଷମାନଙ୍କ ନିମନ୍ତେ ଲୁଙ୍ଗି, ଗାମୁଛା, ମଶାରୀ, ଟୁଥବ୍ରଶ୍, ବାଲିସ, ଟୁଥ ପେଷ୍ଟ, ଦେହ ଲଗା ଏବଂ ହାତଧୁଆ ସାବୁନ, ତେଲ, ପାନିଆ ଦିଆଯାଇଥିଲା ବେଳେ ମହିଳାମାନଙ୍କୁ ଖାଦ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସହିତ ଶାଢୀ ଦିଆଯାଇଛି ।

ନାଗପୁର, ଛତିଶଗଡ, ବିହାର, ପଶ୍ଚିମବଙ୍ଗ, ବେଙ୍ଗାଲୁରୁ ଆସିଥିବା ପ୍ରାୟ ୧୪୦୦ ଲୋକଙ୍କୁ ଜିଲ୍ଲାର ୨୮ ଟି କ୍ୱାରେଣ୍ଟାଇନ କ୍ୟାମ୍ପରେ ରଖାଯାଇଛି, ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କର ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି । ଲକ ଡାଉନ ଉଠିବା ପର୍ଯ୍ୟନ୍ତ କ୍ୱାରେଣ୍ଟାଇନ କ୍ୟାମ୍ପ ଛାଡି ଅନ୍ୟତ୍ର ନ ଯିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ଏହି ଖାଦ୍ୟ ବ୍ୟବହାର୍ଯ୍ୟ କିଟ୍ସ ବଣ୍ଟନ ବେଳେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଶ୍ରୀ ଅଞ୍ଜୁ ସାମନ୍ତ, ତହସିଲଦାର ଶ୍ରୀ ଲକ୍ଷ୍ମୀଧର ରାଉତ, ଆପାତକାଳୀନ ଅଧିକାରୀ ଶ୍ରୀ ଶଶାଙ୍କ ଶେଖର ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଦୀପକ କୁମାର ଖଟୁଆ, ଜିଲ୍ଲା ରେଡକ୍ରସ ଶାଖା ଉପ ସଭାପତି ଶ୍ରୀ ଜ୍ୟୋତି ନାରାୟଣ ପାଣି, ରେଡକ୍ରସ ସଦସ୍ୟ ଶ୍ରୀ ରାଜ କିଶୋର ବେହେରା ପ୍ରମୁଖଙ୍କ ସମେତ ହେଲପିଙ୍ଗ ହ୍ୟାଣ୍ଡସ ସୋସିଓ ଏକ୍ସପର୍ଟସ, ଓଡ଼ିଶାର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ ।

—x—

୨୭.୪.୨୦୨୦
D.I. & P.R. OFFICER
DHENKANAL